## ସଂକ୍ଷେପରେ

### ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ,୨୫।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଓ ତାଲୁକାସ୍ତରୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ଆସନ୍ତା ସେପ୍ଟେମ୍ବର ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଉକ୍ତ ଲୋକ ଅଦାଲତରେ ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଇତ୍ୟାଦି ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ବିଚାରାଧୀନ ମକଦ୍ଦମା ସହ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମାସ୍ତରୀୟ ତଥା କଚେରିରେ ଦାୟର ହୋଇ ନ ଥିବା ବିବାଦର ମଧ୍ୟ ସମାଧାନ କରାଯାଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡା ସୂଚନା ଦେଇଛନ୍ତି।

### ନବବିବାହିତାଙ୍କ ଆତ୍ମହତ୍ୟା ମାମଲାରେ ୩ ଗିରଫ

ଗୁଣପୁର,୨୫।୮ (ପ୍ରଦୀପ କୁମାର ପାଢୀ)

ଗୁଣପର ବ୍ଲକ କଲସିଂ ପଞ୍ଚାୟତ ଅଧୀନ ଗନ୍ତଲି ଗ୍ରାମର ନବବିବାହିତା ବର୍ଷାରାଣୀ ମହାନ୍ତିଙ୍କ ଆତ୍ମହତ୍ୟା ମାମଲାରେ ପୁଟାସିଂ ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ଶାଶୁ ବସନ୍ତ ମଞ୍ଜରି ପାତ୍ର, ଶ୍ୱଶୁର କାଶୀନାଥ ପାତ୍ର ଏବଂ ସ୍ୱାମୀ ରଘୁନାଥ ପାତ୍ରଙ୍କୁ ଗିରଫ କରାଯାଇଥିବା ଆଇଆଇସି ଭବାନୀ ମୁଦୁଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ମାସ ତଳେ ଗଜପତି ଜିଲା ସେରଙ୍ଗ ଥାନା ଅଧୀନ ଗାଇବା ଗ୍ରାମର ବର୍ଷା ଓରଫ ଦେବକି ଗନ୍ତଲି ଗ୍ରାମର ରଘୁନାଥ ପାତ୍ରଙ୍କୁ ବିବାହ କରିଥିଲେ। ଯୌତୁକକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗିରହିଥିଲା। ଶେଷରେ ବୁଧବାର ଭୋର ସମୟରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ବର୍ଷାଙ୍କ ପରିବାର ଲୋକେ ତାଙ୍କ ଝିଅକୁ ମାରି ଫାଶି କରାଯାଇଥିବା ତାଙ୍କ ବାପା ମାଗଣି ମହାନ୍ତି ପଟାସିଂ ଥାନାରେ ଅଭିଯୋଗ କରିଥିଲେ।

### ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ବିଶେଷଜ୍ଞ ଡାକ୍ତର ନିଯୁକ୍ତି

ଗୁଣପୁର,୨୫।୮ (ପ୍ରଦୀପ କୁମାର ପାଢୀ)

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣ ବିଶେଷଜ୍ଞ ଡାକ୍ତର ନିଯକ୍ତି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନିଯୁକ୍ତି ପାଇଥିବା ଡାକ୍ତରମାନେ ହେଲେ ଭେଷଜ ବିଭାଗର ବରିଷ୍ଠ ବିଶେଷଜ୍ଞ ଡ. ଜିତେନ୍ଦ୍ର କୁମାର ପାଣିଗ୍ରାହୀ, ସର୍ଜରୀ ବିଶେଷଜ୍ଞ ଭାବେ ସମରେନ୍ଦ୍ର ଶତପଥୀ, ଅର୍ଥୋପେଡିକ ବିଶେଷଜ୍ଞ ଡାକ୍ତର ଭାବେ ଅଭିଷେକ ମିଶ୍ର, ଦାନ୍ତ ବିଶେଷଜ୍ଞ ଡାକ୍ତର ଭାବେ ଡ.ବଧିଶ୍ୱତା ପଟ୍ଟନାୟକ ଏବଂ ଆନେସ୍ଥେସିଆ ଡାକ୍ତର ଭାବେ ଶିୱାଙ୍ଗି ମହନ୍ତ ନିଯକ୍ତି ପାଇଛନ୍ତି। ଏହି ନିଯକ୍ତି ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସଂଖ୍ୟା ୧୮ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସୁପରିଟେଣ୍ଡେଣ୍ଟ, ୮ ଜଣ ବିଶେଷଜ୍ଞଏବଂ ୯ ଜଣ ଏମବିବିଏସ ଡାକ୍ତର ରହିଛନ୍ତି। ହେଲେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୀର୍ଘ ମାସ ହେଲା ଛୁଟିରେ ଥିବାରୁ ଏହି ପଦବୀ ଖାଲି ରହିଛି।

# ଭୂତକୋଠି ପାଲଟିଛି ୧୦ କୋଟିରେ ନିର୍ମିତ ବି.ଏଡ୍. କଲେଜ

- ଏନ୍‌ସିଟିଇ ଅନୁମୋଦନ ଅପେକ୍ଷାରେ କଲେଜ
- ଅନ୍ୟ ରାଜ୍ୟକୁ ଯାଇ ବି.ଏଡ୍. କରୁଛନ୍ତି ଛାତ୍ରୀଛାତ୍ର

ରାୟଗଡା,୨୫।୮ (ଭାଗ୍ୟଶ୍ରୀ ମିଶ୍ର )

ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀକରି ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ଏହାର ଉଦ୍ଦେଶ୍ୟ ପୂରଣ ହେବାରେ ବିଫଳ ହେଉଛି। ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ଏକ ବି.ଏଡ୍. କଲେଜ ଲାଗି ୧୦ କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ନ୍ୟାଶନାଲ କାଉନସିଲ ଅଫ୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ପକ୍ଷରୁ ଅନୁମତି ମିଳୁ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଠା ଏବେ ଭୂତକୋଠିରେ ପରିଣତ ହୋଇଛି। ଅନ୍ୟପକ୍ଷରେ ବହୁ ଟଙ୍କା ଖର୍ଚ୍ଚକରି ମେଧାବୀ ଛାତ୍ରୀଛାତ୍ର ବାହାର ରାଜ୍ୟ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଏବଂ ଅନ୍ୟ ଜିଲା ଗଞ୍ଜାମ, କୋରାପୁଟକୁ ବି.ଏଡ୍. କରିବାକୁ ଯାଉଥିବା କହିଛନ୍ତି ।

ଅବିଭକ୍ତ କୋରାପୁଟ ଜିଲାରେ କେବଳ କୋରାପୁଟଠାରେ ଏକ ବି.ଏଡ୍. କଲେଜ ଥିଲା। ତେଣୁ ରାୟଗଡ଼ା ଜିଲାର ପେଷ୍ଟା ଗ୍ରାମପଞ୍ଚାୟତର ଅମ୍ଳାଭଟା ଛକଠାରେ ଏକ ବି.ଏଡ୍. କଲେଜ ସ୍ଥାପନ ପାଇଁ ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ କଲେଜ କୋଠା ନିର୍ମାଣ କରାଯାଇଥିଲା। ଏହା ପରେ ଅନୁମୋଦନ ପାଇଁ ଜିଲା ପ୍ରଶାସନ ଓ ଉଚ୍ଚ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ହେଲେ ଆଜି ସୁଦ୍ଧା ଏନ୍‌ସିଟିଇ ପକ୍ଷରୁ ଅନୁମତି ମିଳୁ ନାହିଁ । ବି.ଏଡ୍. କଲେଜକୁ କାହିଁକି ଏନସିଟିଇ ଅନୁମତି ଦେଉନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେହି ତଥ୍ୟ ଆମ ପାଖରେ ନାହିଁ ବୋଲି କହିଛନ୍ତି । ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପଦକ୍ଷେପ ନେବ ବୋଲି କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଜେକେପୁର, ରାୟଗଡ଼ା, କୋଳନରା, ଥେରୁବାଲିରେ ବିଭିନ୍ନ ନିର୍ବାଚନୀ ସଭାରେ ଯୋଗଦେଇ କହିଥିଲେ, ଅମ୍ଳାଭଟାଠାରେ ନିର୍ମିତ ବି.ଏଡ୍. କଲେଜରେ ଜିଲାର ଆଦିବାସୀ ପିଲାଙ୍କ ପାଇଁ ୭୦% ଓ ଅନ୍ୟ ବର୍ଗ ପିଲାଙ୍କ ପାଇଁ ୩୦% ସିଟ୍ ବ୍ୟବସ୍ଥା ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଯାହାକି କେବଳ ପ୍ରତିଶ୍ରୁତିରେ ରହିଯାଇଥିବା ନେଇ ଆଲୋଚନା ହେଉଛି। ଏ ସମ୍ପର୍କରେ କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଶଙ୍କର ଉଲାକା କହିଛନ୍ତି, ଶାସକ ଦଳ କେବଳ ଭୋଟ ହାତେଇବା ପାଇଁ ଏଭଳି ଯୋଜନା କରୁଛନ୍ତି । ନିର୍ବାଚନ ସରିଲେ ସବୁ ଭୁଲିଯାଉଛନ୍ତି। ଲୋକଙ୍କ ଟଙ୍କା ଅଯଥାରେ ନଷ୍ଟ କରାଯାଉଛି। କଲେଜର ରକ୍ଷଣାବେକ୍ଷଣ ପାଇଁ ସେ ୨୦୧୯ରେ ତତ୍କାଳୀନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଏବେ ପୁଣି ସେ ଏ ସମ୍ପର୍କରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଯଦି ଅନୁମତି ନ ଥିଲା ତରବରିଆ ଭାବେ କୋଠା ନିର୍ମାଣ କରାଯିବାର ଆବଶ୍ୟକ କ'ଣ ଥିଲା ବୋଲି ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ନିର୍ମାଣାଧୀନ ବି.ଏଡ୍. କଲେଜରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ଶ୍ରେଣୀକକ୍ଷ ସହିତ ଲାଇବ୍ରେରି, ଲାବରେଟୋରି, କର୍ମଚାରୀଙ୍କ ରହଣି ନିମନ୍ତେ ବାସଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଦୀର୍ଘଦିନରୁ ବି.ଏଡ୍. କଲେଜ କୋଠା ଅବହେଳିତ ଅବସ୍ଥାରେ ପଡ଼ିଥିବାରୁ ଏହା ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି । ସେହିପରି ଏହାର ସୁରକ୍ଷା ଦାୟିତ୍ୱରେ କେହି ନ ଥିବାରୁ ଦୁର୍ବୃତ୍ତମାନେ ଝରକା କବାଟ ତାଡି ନେବା ସହ ବିଦ୍ୟୁତ୍ ସରଞ୍ଜାମ ଚୋରିକରି ନେଇଯାଉଥିବା ଦେଖିବାକୁ ମିଳିଛି।



ଅମ୍ଳାଭଟା ଛକରେ ନିର୍ମିତ ବି.ଏଡ୍. କଲେଜ।

# ପଞ୍ଚାୟତ ସମିତି ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଉଛି।

ରାୟଗଡା,୨୫।୮ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ପଞ୍ଚାୟତ ସମିତି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଶୁକ୍ରବାର ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। ପଞ୍ଚାୟତର ଅଧକ୍ଷ ନିର୍ବାଚନ ପରେ ଆମ ଗୁରୁତ୍ୱକୁ କମାଇ ଦିଆଯାଉଥିବା ସମିତି ସଭ୍ୟମାନେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କୁ ଅଧିକ ସୁବିଧା ଏବଂ କ୍ଷମତା ଦିଆଯାଉଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଉଥିବା ସେମାନେ କହିଛନ୍ତି। ପଞ୍ଚାୟତ ହେଉ କି ବ୍ଲକରେ ଯେ କୌଣସି ଫାଇଲ ଖୋଲିବା ପୂର୍ବରୁ ସମିତି ସଭ୍ୟମାନଙ୍କ ଦସ୍ତଖତ ରଖା ଯାଉ ବୋଲି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୨୮ଟି ପଞ୍ଚାୟତ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପଞ୍ଚାୟତ ସମିତି ସଭ୍ୟଙ୍କ ନିଜସ୍ୱ ପାଣ୍ଠି ବାର୍ଷିକ ୨୦ ଲକ୍ଷ ଟଙ୍କା କରାଯାଉ, ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ନକଲ ଦିଆଯାଉ, ପଞ୍ଚାୟତିରାଜ ବିଭାଗରୁ ସମିତିକୁ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟ ସମିତି ଦ୍ୱାରା କରାଯାଉ, ସମିତି ବୈଠକରେ ସମିତି ସଭ୍ୟମାନେ ହିଁ ସ୍ଥାୟୀ ସଦସ୍ୟ ରହିବା ଦରକାର, ମାସିକ ୧୫ ହଜାର ଟଙ୍କା ଭତ୍ତା ପ୍ରଦାନ, ପ୍ରତ୍ୟେକ ପଞ୍ଚାୟତ ସମିତିଙ୍କ କାର୍ଯ୍ୟାଳୟ ସହ ନାମଫଳକର ବ୍ୟବସ୍ଥା କରିବା ଆଦିର ବ୍ୟବସ୍ଥା ହେଉ ବୋଲି ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ସୁବାସ ପ୍ରାସ୍କା, ସମ୍ପାଦକ ହଳଧର ହିମିରିକାଙ୍କ ସମେତ ସମସ୍ତ ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।




ବାଇକ୍ ଲଞ୍ଚ ଅବସରରେ ହିରୋ କମ୍ପାନୀ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ରାୟଗଡ଼ାରେ ଲଞ୍ଚ ହେଲା ହିରୋ ଗ୍ଲାମର

ରାୟଗଡ଼ା,୨୫।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଅଜିତ ହିରୋ ଶୋରୁମଠାରେ ଶୁକ୍ରବାର ହିରୋ ଗ୍ଲାମର ବାଇକ ଲଞ୍ଚ୍ ହୋଇଛି। ଏହି କାର୍ଯ୍ୟକ୍ରମରେ ହିରୋ କମ୍ପାନୀର ଟିଏସ୍ଏମ୍ ପଓ୍ୱନ ସିଂ ଓ ଅଜିତ ହିରୋ ଡିଲର ଅମିତ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଗାଡ଼ି ବୁକିଂ ପାଇଁ ବହୁ ଗ୍ରାହକ ମଧ୍ୟ ଉପସ୍ଥିତ ଥିଲେ। ଆଗରୁ ବନ୍ଦ ହୋଇଥିବା ଗ୍ଲାମର୍ ଗାଡ଼ିକୁ ନୂତନ ଫିଚର୍ ସହିତ ପୁଣି ଥରେ ବଜାରରେ ଓହ୍ଲାଇଛି ହିରୋ କମ୍ପାନୀ। ବଜାରରେ ଏହାର ଚାହିଦା ପୂର୍ବ ଭଳି ବଜାୟ ରହିବ ଏବଂ ଅଧିକ ମାତ୍ରାରେ ଗ୍ଲାମର୍ ଗାଡ଼ି ବିକ୍ରି ହେବ ବୋଲି ସୋରୁମ ମାଲିକ ଅଜିତ ଜୈନ କହିଛନ୍ତି।

## ମାଛ ଖାଦ୍ୟ ଉତ୍ପାଦନ କେନ୍ଦ୍ର ଶୁଭାରମ୍ଭ

ଚନ୍ଦ୍ରପୁର,୨୫।୮ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତ ସଦର ମହକୁମାରେ ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତଥା ନୋଡାଲ ସଂସ୍ଥା ଆତ୍ମାର ମିଳିତ ସହଯୋଗରେ ଶୁକ୍ରବାର କ୍ଷୁଦ୍ର ମତ୍ସ୍ୟ ଖାଦ୍ୟ ଉତ୍ପାଦନ ଉଦ୍ୟୋଗ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକର ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଅଞ୍ଚଳର ସମସ୍ତ ମାଛଚାଷୀ ଉଚିତ ମୂଲ୍ୟରେ ମାଛ ଖାଦ୍ୟ କ୍ରୟ କରିପାରିବେ ବୋଲି ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସୁରେଶ ମିଶ୍ର ସୂଚନା ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ସୁରେଶ ମିଶ୍ର, ଡାଙ୍ଗସୋରଡ଼ା ପଞ୍ଚାୟତର କୃଷି ଅଧିଦର୍ଶକ ରଜନୀତ୍‌କାନ୍ତ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଞ୍ଚଳର ଜଣେ ଅଗ୍ରଣୀ ଚାଷୀ ଟୁନା ପାଲାକା ମାଛ ଖାଦ୍ୟ ଉତ୍ପାଦନ କେନ୍ଦ୍ର ଆରମ୍ଭ କରିଛନ୍ତି।

## ବାଇକ୍ ଚୋରି, ସିସିଟିଭିରେ କଏଦ ଦୃଶ୍ୟ

ଗୁଣପୁର,୨୫।୮ (ପ୍ରଦୀପ କୁମାର ପାଢି)

ଗୁଣପୁର ସହର ହଳଦିଆ ନାଳ ନିକଟରେ ଲିମାମେଡା ଗ୍ରାମର ସୁଶାନ୍ତ ଗୌଡଙ୍କ ବାଇକ୍ ଗୁରୁବାର ଅପରାହ୍ଣରେ ଚୋରି ହୋଇଥିଲା। ବହୁ ଖୋଜିଖୋଜି କରିବା ପରେ ଗାଡି ନ ପାଇ ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ।୨ ଜଣ ଦୁର୍ବୃତ୍ତ ଆସି ବାଇକ୍ ଚୋରି କରିଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଦେଖି ସେ ଶୁକ୍ରବାର ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ସିସିଟିଭି ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଚତୁରତାର ସହ ମୁହଁରେ କପଡ଼ା ଘୋଡାଇ ଛତା ଧରି ବାଇକ ଚୋରି କରି ନେଉଥିବା ଦେଖିବାକୁ ମିଳିଥିଲା। ସୁଶାନ୍ତ ହଳଦିଆ ନାଳ ନିକଟରେ ଥିବା ଏକ ସୋରୁମ ପାଖରେ ଗାଡି ରଖି ନିଜ କର୍ମକ୍ଷେତ୍ରକୁ ଯାଇ କାର୍ଯ୍ୟ ସାରି ସେଠାରୁ ଫେରିବା ପରେ ତାଙ୍କ ଗାଡି ସେଠାରେ ନ ଥିବା ଦେଖିଥିଲେ ।

## ବାଲ୍ୟବିବାହ ରୋକିବା ପାଇଁ ବୈଠକ



ବୈଠକରେ ବିଡିଓଙ୍କ ସମେତ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ପଦ୍ମପୁର,୨୫।୮ (ପ୍ରଶାନ୍ତ କର)

ପଦ୍ମପୁର ବ୍ଲକ କାର୍ଯ୍ୟଳୟ ପରିସରରେ ଶୁକ୍ରବାର ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ରୋକିବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କମିଟିର ଉପାଧ୍ୟକ୍ଷ ତଥା ବିଡିଓ ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲ୍ୟ ବିବାହ ରୋକିବା ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା କହିଥିଲେ। ଏପରିକି ପ୍ରତି ଗାଁ ଗାଁର ପର୍ବପର୍ବାଣିରେ ବାଲ୍ୟ ବିବାହ କୁ-ପରିଣିତି ସମ୍ପର୍କରେ ଶିକ୍ଷଣ ଉପକରଣ ମାଧ୍ୟମରେ ସଚେତନତା କରାଯାଉଛି। ଏଥିସହ ବାଲ୍ୟବିବାହ କିପରି ରୋକାଯିବ ସେ ନେଇ ଶିଶୁ ଯତ୍ନ ଗୃହର ସମସ୍ତ ଶିଶୁଙ୍କୁ ଆତ୍ମସୁରକ୍ଷା ପାଇଁ ତାଲିମ ପ୍ରଦାନ କରିବା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ସିଡିପିଓ ପ୍ରମିଳା ବେହେରା, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରିଙ୍କ ସହ ଶିଶୁ ସୁରକ୍ଷା ଯତ୍ନର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ।

## ରାସ୍ତାରୁ ମିଳିଥିବା ବ୍ୟାଗ୍ ଦେଲେ ପୋଲିସ ଜିମା

ଟିକିରି, ୨୫।୮ (ପ୍ରଫୁଲ କୁମାର ବେହେରା)

ରାସ୍ତା କଡ଼ରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏକ ଗୁରୁତ୍ୱପୂର୍ଣ୍ଣ ଏୟାର ବ୍ୟାଗକୁ ପୋଲିସର ଜିମା ଦେଇ ମାନବିକତାର ପରିଚୟ ଦେଇଛନ୍ତି ଟିକିରିର ପୀତବାସ ମେଦ୍ରି । କିଛିଦିନ ତଳେ ଏହି ବ୍ୟାଗଟି ଚୋରି ହୋଇଥିବା ନେଇ ଟିକିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଡକାଇ ବ୍ୟାଗକୁ ଫେରାଇଥିବା ବେଳେ ଟାବଲଏଟ ବ୍ୟତୀତ ବାକି ସବୁକିଛି ଜିନିଷ ଠିକ ଥିବା ଜଣାଯାଇଛି । ସୂଚନାଯୋଗ୍ୟ, ସ୍ଥାନୀୟ ଉତ୍କଳ ହସ୍ପିଟାଲରେ କାର୍ଯ୍ୟରତ ପୀତବାସ ମେଦ୍ରି ବୁଧବାର ରାତିରେ ଡ୍ୟୁଟି ସାରି ବାଇକରେ ଘରକୁ ଫେରୁଥିବାବେଳେ ହାଟପଦା ରାସ୍ତା ପାର୍ଶ୍ୱରେ ଏକ ଧଳା ରଙ୍ଗର ଏୟାର ବ୍ୟାଗକୁ ଆଣି ଟିକିରି ଥାନାର ଏସଆଇ ଏମକେ ଜେନାଙ୍କ ଜିମା ଦେଇଥିଲେ। ବ୍ୟାଗରେ ଥିବା ସାର୍ଟିଫିକେଟ, ଆଧାର କାର୍ଡ ଆଦି ଯାଞ୍ଚ କରିବା ପରେ ସ୍ଥାନୀୟ କିନ୍ଦିରିପଦର ଗ୍ରାମର ପରମାନନ୍ଦ ନାଟିକାଙ୍କ ବୋଲି ଜଣାପଡ଼ିଥିଲା। ଗୋକୁଳ ମୁଣ୍ଡା ହାଟପଦାର ଏକ ଭଡ଼ା ଘରେ ରହୁଥିବା ପରମାନନ୍ଦ ଟିକିରି ଏସବିଆଇରେ କାର୍ଯ୍ୟରତ ଥିବାବେଳେ ଗତ ୨୧ତାରିଖ ରାତିରେ ତାଙ୍କ ଘରୁ ଏହି ବ୍ୟାଗ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ବ୍ୟାଗରେ ମାଟ୍ରିକ, ଯୁକ୍ତ ଦୁଇ ଏବଂ ବି ଟେକ ସାର୍ଟିଫିକେଟ,ପାସ ବୁକ, ଆଧାର କାର୍ଡ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମୋବାଇଲ ଏବଂ ଟାବଲଏଟ ରହିଥିଲା। ଚୋରି ହୋଇଥିବା ଟାବଲଏଟର ମୂଲ୍ୟ ୨୦ ହଜାରରୁ ଅଧିକ ଟଙ୍କା ହେବ ବୋଲି ଜଣାଯାଇଛି । ଚୋରି ହୋଇଥିବା ନେଇ ସେ ଗତ୨୨ ତାରିଖରେ ଥାନାରେ ଏତଲା ଦେଇଥିଲେ । ବ୍ୟାଗ ଫେରି ପାଇବା ପରେ ପରମାନନ୍ଦ ଖୁସିବ୍ୟକ୍ତ କରିଛନ୍ତି ।

# ଯୋଗାଣ ସହାୟକଙ୍କ ସ୍ମାରକପତ୍ର ପ୍ରଦାନ

ଗୁଣପୁର/ମୁନିଗୁଡ଼ା,୨୫।୮
(ପ୍ରଦୀପ କମାର ପାଢୀ/ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ଗୁଣପୁର ଓ ମୁନିଗୁଡ଼ା ବ୍ଲକରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ଶୁକ୍ରବାର ବିଭିନ୍ନ ଦାବି ନେଇ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁଣପୁରରେ ବିଡିଓ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ସେହିପରି ମୁନିଗୁଡା ବ୍ଲକ ଯୋଗାଣ ସହାୟକମାନେ ସଭାପତି ବିପିନ ବଛାଙ୍କ ନେତୃତ୍ୱରେ ବିଡିଓଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଦାବପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯୋଗାଣ ସହାୟକ ଚାକିରି ସ୍ଥାୟୀତ୍ୱ ସହ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରିବା, ସେମାନଙ୍କ ନାମରେ ପିଡିଏସ ଲାଇସେନ୍ସ ପ୍ରଦାନ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ଓ ପରିବାରବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ, ସେମାନଙ୍କୁ ପଞ୍ଚାୟତରାଜ ବିଭାଗରୁ ନିବୃତ୍ତ କରାଯାଇ ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କ ପଦବୀ ଆସିଷ୍ଟାଣ୍ଟ ସପ୍ଲାଇ ଇନସ୍ପେକ୍ଟରେ ନାମିତ କରିବା, ଇ.ପିଓଏସ ଡିଭାଇସ ପରିଚାଳନାର ପ୍ରୋତ୍ସାହନ ରାଶି ଯୋଗାଣ ସହାୟକଙ୍କୁ ପ୍ରଦାନ, ମାସିକ ପିଡିଏସ ଆବଣ୍ଟନରେ ୨ ଶତକଡା ନିଅଣ୍ଟକ ଭରଣା କରିବା ଆଦି ଦାବି ରହିଛି। ୨ରୁ ୩ ଦିନ ମଧ୍ୟରେ ସେମାନଙ୍କ ଦାବି ସମାଧାନ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବିଡିଓଙ୍କୁ ଯୋଗାଣ ସହାୟକମାନେ ଦାବିପତ୍ର ଦେଉଛନ୍ତି।

# ଡାକ୍ତରୀ ପଢ଼ିବା ସ୍ୱପ୍ନ ପୂରଣ ହେଲା, ସହାୟତା କଲେ ୫-ଟି ସଚିବ

- ନବୀନ ନିବାସରେ କୃଷ୍ଣଙ୍କ ସହ ଆଲୋଚନା କଲେ ଭି.କେ. ପାଣ୍ଡିଆନ
- ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପ୍ରଦାନ

ବିଷମ କଟକ,୨୫।୮ (ବିଭୂତି ଭୂଷଣ ନାୟକ)

ରାୟଗଡ଼ାର ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଦେଖି ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ ବିଷମକଟକ ବ୍ଲକ ଅନ୍ତର୍ଗତ ଥୁଆପାଡି ସଦର ପଞ୍ଚାୟତ ଗ୍ରାମର କୃଷ୍ଣଚନ୍ଦ୍ର ଅଟକା । ଚଳିତ ବର୍ଷ ନିଟ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ଡାକ୍ତରୀ ପଢ଼ିବା ପାଇଁ ଅର୍ଥ ସାଜିଥିଲା ବାଧକ। ତାଙ୍କ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯିବ ବୋଲି ସେ ଭାବିଥିଲେ। ପରେ କୃଷ୍ଣ ଡାକ୍ତରୀ ପଢିବା ନିମନ୍ତେ ଆବଶ୍ୟକ ଅର୍ଥ ଲାଗି ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ନିବେଦନ ପତ୍ର ପ୍ରଦାନ କରିଥିଲେ। କୃଷ୍ଣଙ୍କ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଜାଣିବା ପରେ ଗୁରୁବାର କୃଷ୍ଣଙ୍କୁ ନବୀନ ନିବାସକୁ ଡକାଇ ତାଙ୍କ ସହ ପ୍ରାୟ ୨୦ ମିନିଟ୍ ଆଲୋଚନା କରିଥିଲେ। ରାଜ୍ୟ ସରକାର କୃଷ୍ଣଙ୍କ ପ୍ରତ୍ୟେକ ବର୍ଷର ଡାକ୍ତରୀ ଫି ବହନ କରିବେ ବୋଲି ସଚିବ ପ୍ରତିଶ୍ରୁତି ଦେବା ସହ ଚଳିତ ବର୍ଷର ଫି ବାବଦରେ ତାଙ୍କ ଆକାଉଣ୍ଟରେ ୧ ଲକ୍ଷ ଟଙ୍କା ଜମା କରାଯାଇଥିବା କହିଥିଲେ।



ନବୀନ ନିବାସରେ କୃଷ୍ଣଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଲୋଚନା କରୁଛନ୍ତି।

୫ ବର୍ଷରେ ସରକାର ତାଙ୍କୁ ୫ଲକ୍ଷ ଟଙ୍କା ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଆଗକୁ ବଢିବା ପାଇଁ ଯାହା ବି ସାହାଯ୍ୟ ଦରକାର ତାହା ରାଜ୍ୟ ସରକାଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି କହିଥିବା ଜଣାପଡ଼ିଛି। ସରକାରଙ୍କଠାରୁ ଆର୍ଥିକ ସହାୟତା ପାଇବା ପରେ କୃଷ୍ଣ ବେଶ୍ ଖୁସି ଥିବା ବେଳେ ୫ବର୍ଷରେ ହିଁ ଡାକ୍ତରୀ ପାଠ ସାରିବେ ବୋଲି କହିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ପ୍ରକାଶ ଯେ, କୃଷ୍ଣ ଅତି ଗରିବ ପରିବାରର ହୋଇଥିବାରୁ ଟଙ୍କା ରୋଜଗାର ପାଇଁ ଦାଦନ ଖଟିବାକୁ କେରଳ ଯାଇଥିଲେ। ହେଲେ ତାଙ୍କର ପାଠ ପ୍ରତି ଥିବା ନିଷ୍ଠା, ଉଦ୍ୟମ ଯୋଗୁ ସେ ନିଟ୍ ପରୀକ୍ଷାରେ ସଫଳତା ପାଇ କଳାହାଣ୍ଡି ଜିଲାର ମେଡିକାଲ କଲେଜରେ ନାମ ଲେଖାଇଛନ୍ତି । କୃଷ୍ଣ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ମାଟ୍ରିକ ପାସ୍ କରିବା ପରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ସଫଳତାର ସହ ପାସ୍ କରି ଘରକୁ ଫେରିଥିଲେ। ଦାରିଦ୍ର୍ୟର ତାଡ଼ନାରେ ପରିବାର ଚଳୁଥିବାବେଳେ ସେ ନିଜେ ପରିବାର ପାଇଁ ବୋଝ ହୋଇଯାଇଥିବା ଭାବି ରୋଜଗାର କରିବାକୁ ମନସ୍ଥ କରିଥିଲେ। ପରେ ୨୦୧୪ରେ ଦାଦନ ଖଟିବାକୁ କେରଳ ଚାଲିଯାଇଥିଲେ । ସେଠାରେ କିଛି ବର୍ଷ ଏକ ଇଟାଭାଟିରେ କାମ କରିବା ପରେ ଭାଷାଗତ ସମସ୍ୟା ଓ ନିର୍ଯାତନାର ଶିକାର ହୋଇ ଘରକୁ ଫେରି ଆସିଥିଲେ। ବାପାଙ୍କ ସହ ଚାଷକାମ କରିବା ସହିତ ପାଠପଢା ମଧ୍ୟ ଆରମ୍ଭକରି ଦେଇଥିଲେ। ହେଲେ ଅର୍ଥ ଅଭାବ ଯୋଗୁ ଉଚ୍ଚଶିକ୍ଷା ତାଙ୍କ ପାଇଁ ବହୁତ କଷ୍ଟକର ହୋଇପଡ଼ିଥିଲା। ଏହାସତ୍ତ୍ୱେ ସେ ହାର ମାନି ନ ଥିଲେ। ଅନେକ ସମୟରେ ତାଙ୍କ ସହଯୋଗୀ ନୀଳମାଧବ ହିକକା ତାଙ୍କୁ ସାହାଯ୍ୟ କରିଥିଲେ। ଫଳରେ ତାଙ୍କୁ ଆଗକୁ ବଢ଼ିବାର ସହାୟକ ହୋଇଥିଲା।

**୬ ବୁଲେଟ୍ ଜବତ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ଟାଉନ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ୬ଟି ବୁଲେଟ୍ ଜବତ କରିଛି। ସହରର ଏନକେଟି ରୋଡ, ଏମଜି ରୋଡ, ମୁଖ୍ୟ ରାସ୍ତାରେ ଉଚ୍ଚ ଶବ୍ଦ କରି ଯାଉଥିବା ବୁଲେଟ୍ ଚାଳକଙ୍କୁ ଅଟକାଇ ଏହାକୁ ପୋଲିସ ଜବତ କରିଥିଲା। ଗୋଟିଏ ବୁଲେଟ ପିଛା ୨ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଥାନାରେ ବୁଲେଟ ମାଲିକମାନେ ସାଇଲେନ୍ସର ବଦଳାଇ ଜରିମାନା ଦେଇ ବୁଲେଟ ନେଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ କର୍ମଚାରୀଙ୍କ ଧାରଣା

ପଟାଙ୍ଗି,୨୫।୮ (ଶରତ ଧଳ)

ମୃତଦେହକୁ ଗ୍ରାମରେ ପହଞ୍ଚାଇବା ସକାଶେ ଆମ୍ବୁଲାନ୍ସ ନ ମିଳିବାରୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନକରି ତାଙ୍କୁ ଧକ୍କା ମାରିବା ଘଟଣାର ଶୁକ୍ରବାର ତୀବ୍ର ପ୍ରତିବାଦ କରିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ। ଏନେଇ ସେମାନେ ଧାରଣା ଦେଇ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ।

ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଉପର ଗଞ୍ଜେଇପଦର ଗ୍ରାମର ବିଶ୍ୱନାଥ ଗେମେଲଙ୍କ ବାଇକ୍‌କୁ ଏକ ଅଜଣା ଗାଡ଼ି ବୁଧବାର ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ସେହିଦିନ ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।


ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପ୍ରତିବାଦ ଜଣାଉଛନ୍ତି।

ଏହି ମୃତଦେହ ଗ୍ରାମକୁ ନେବାକୁ ପରିବାର ଓ ଗ୍ରାମରୁ ଆସିଥିବା ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଏକ ଆମ୍ବୁଲାନ୍ସ ଯୋଗାଇଦେବାକୁ କହିଥିଲେ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ଡ୍ରାଇଭର ନ ଥିବାରୁ ନିକଟସ୍ଥ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ନେବାକୁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଡାକ୍ତର ଭାଗବତ ମୁର୍ମୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ପଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଦାବିକରି ପରିବାର ଓ ଗ୍ରାମବାସୀ ଡାକ୍ତର ମୁର୍ମୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ତାଙ୍କୁ ଧକ୍କା ମାରିଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ଶୁକ୍ରବାର ସ୍ୱାସ୍ଥ୍ୟକର୍ମୀମାନେ ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ଛାଡ଼ି ଅନ୍ୟ ସମସ୍ତ ସ୍ୱାସ୍ଥ୍ୟସେବା ବନ୍ଦକରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ନିର୍ବାଚିତ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଯେଉଁମାନେ ଡାକ୍ତର ମୁର୍ମୁଙ୍କୁ ଦୁର୍ବ୍ୟବହାର କରି ଧକ୍କା ମାରିଥିଲେ ସେମାନେ ଭୁଲ୍ ମାଗିବାକୁ ଦାବି କରିଥିଲେ। ଏଥିସହ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଦାବି କରିଥିଲେ। ଯେଉଁ ପୋଲିସ ଅଧିକାରୀଙ୍କୁ ଗେମେଲଙ୍କ ବ୍ୟବଚ୍ଛେଦ ଦାୟିତ୍ୱ ପ୍ରଦାନ କରାଯାଇଥିଲା ସେ କାହିଁକି ମୃତଦେହ ହସ୍ତାନ୍ତର ପରେ ଚାଲିଯାଇଥିଲେ ବୋଲି ଧାରଣାରତ ସ୍ୱାସ୍ଥ୍ୟକର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ଏଏସ୍‌ଆଇ ନରସିଂହ ଦୋରା ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ବୁଝାଶୁଝା କରି ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କ ଦାବିପୂରଣ ନେଇ ଲିଖିତ ଏକ ଦାବିପତ୍ର ଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ର ଜିଲା ପ୍ରଶାସନକୁ ପଠାଯିବ। ନିୟମ ଅନୁସାରେ ଯାହା ହେବା କଥା ସେନେଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ପଟ୍ଟନାୟକ କହିଥିଲେ। ପରେ ସ୍ୱାସ୍ଥ୍ୟକର୍ମୀମାନେ ଧାରଣା ପ୍ରତ୍ୟାହାର କରି ନେଇଥିଲେ ।

# ୨ ଯୁବକଙ୍କୁ ରାତି ଅଧିଆ ଉଠାଇନେଲା ପୋଲିସ

ପଟାଙ୍ଗି,୨୫।୮ (ଶରତ ଧଳ)

- ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା
- ପ୍ରତିବାଦରେ ପଞ୍ଚାୟତବାସୀ ଥାନା ଘେରିଲେ

ପଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାଗବତ ମୁର୍ମୁଙ୍କୁ ଦୁର୍ବ୍ୟବହାର ଘଟଣାରେ ତାଙ୍କ ଲିଖିତ ଏତଲାକୁ ଭିତ୍ତିକରି ଗୁରୁବାର ରାତିରେ ଦୁର୍ବ୍ୟବହାର କରିଥିବା ଲୋକଙ୍କ ମଧ୍ୟରୁ ୨ ଜଣ ଯୁବକଙ୍କୁ ପୋଲିସ ଧରିଆଣି ଅଟକ ରଖିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଓ ସମ୍ପର୍କୀୟ ଶୁକ୍ରବାର ଥାନା ଘେରାଉ କରିଛନ୍ତି। ଏପରି ସ୍ଥିତି ପୋଲିସ ଓ ଜିଲା ପ୍ରଶାସନର ଚିନ୍ତା ବଢାଇ ଦେଇଛି।

ଖବରରୁ ଜଣାପଡିଛି ଗୁରୁବାର ଉକ୍ତ ଥାନା ଅଧୀନ ଗେଲାଗୁଡା ଗ୍ରାମ ନିକଟରେ ଦୁର୍ଘଟଣାରେ କୋଟିଆ ପଞ୍ଚାୟତ ଉପର ଗଞ୍ଜେଇପଦର ଗ୍ରାମର ବିଶ୍ୱନାଥ ଗେମେଲ ଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ନେବାକୁ ଆମ୍ବୁଲାନ୍ସ ନ ମିଳିବାରୁ ଗ୍ରାମବାସୀ ଡାକ୍ତର ମୁର୍ମୁଙ୍କୁ ଦୁର୍ବ୍ୟବହାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରିଥିଲେ। ଏହି ଘଟଣାରେ ଡାକ୍ତର ମୁର୍ମୁଙ୍କ ଅଭିଯୋଗକୁ ଭିତ୍ତି କରି ଘଟଣାରେ ସମ୍ପୃକ୍ତ ଥିବା ପଞ୍ଚାୟତର କେତେଜଣ ଯୁବକଙ୍କୁ ପଟାଙ୍ଗି ପୋଲିସ ରାତି ଅଧିଆ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହାର ପ୍ରତିବାଦକରି କୋଟିଆ ଅଞ୍ଚାୟତବାସୀ ଅଟକ ଯୁବକମାନଙ୍କୁ ଛାଡିବାକୁ ଦାବି କରି ଥାନା ଘେରାଉ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ କନ୍ଧ ଉନ୍ନୟନ ସମାଜ ସଭାପତି ସୁନୀଲ ଖରା ପୋଲିସ ମିଥ୍ୟା ଆରୋପ ଲଗାଇ ଯୁବକମାନଙ୍କୁ ଆଣି ଅଟକ ରଖିଛି। ସେମାନଙ୍କୁ ନ ଛାଡିଲେ ଏହି ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ସ୍ୱାୟତ୍ତ ଶାସନ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

### ପ୍ରତ୍ୟେକ ୱାର୍ଡରେ ଉଡିବ ତ୍ରିରଙ୍ଗା

ଜୟପୁର, ୨୫।୮ (ପବନ ପାଣିଗ୍ରାହୀ)

ଜୟପୁର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ । ଆସନ୍ତା ୩୧ରେ ସ୍ୱାୟତ୍ତ ଶାସନ ଦିବସ ଆଡମ୍ବର ସହକାରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଦିନ ସହରରେ ଥିବା ୨୮ଟି ୱାର୍ଡରେ ପତାକା ଉତ୍ତୋଳନ ହେବ । ପ୍ରତ୍ୟେକ ୱାର୍ଡରେ କାଉନସିଲରମାନେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବେ । ପରେ ପୌର ପରିଷଦରେ ପତାକା ଉତ୍ତୋଳନ ହେବ । ସନ୍ଧ୍ୟାରେ ସଙ୍ଗମ କଲ୍ୟାଣ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏବଂ କେତେ ଜଣ ପୌର କର୍ମଚାରୀଙ୍କୁ ପୁରସ୍କୃତ କରିବାକୁ ବୈଠକରେ ସ୍ଥିର ହୋଇଥିଲା।

### ମୁଣ୍ଡ ପିଛା ୩୫ କେଜି ଚାଉଳ ଦେବାକୁ ଦାବି

ଜୟପୁର, ୨୫।୮ (ପବନ ପାଣିଗ୍ରାହୀ)

ଅସହାୟ ଅବସ୍ଥାରେ ରହୁଥିବା ମହିଳାମାନଙ୍କୁ ମାସକୁ ୩୫ କେଜି ଲେଖାଏ ଚାଉଳ ଯୋଗାଇଦେବାକୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଏନେଇ ଉପଜିଲାପାଳ ପ୍ରଭାତ ପରିଡ଼ାଙ୍କୁ ଦଳର ଶିଳ୍ପା ପାଣି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ଜୟପୁର ସହରରେ ଏପରି ଅନେକ ଅସହାୟ ମା'ମାନେ ଅଛନ୍ତି ଯେଉଁମାନଙ୍କ ସ୍ୱାମୀ କିମ୍ବା ପୁଅ ନାହାନ୍ତି । ବୟସ ଅଧିକ ହେତୁ ସେମାନଙ୍କୁ କୌଣସି ରୋଜଗାର ମିଳୁନାହିଁ । ବିପିଏଲ୍ କାର୍ଡରେ ମିଳୁଥିବା ମୁଣ୍ଡ ପିଛା ୫କେଜି ଚାଉଳରେ ସେମାନେ ମାସ ସାରା ଚଳିପାରୁ ନାହାନ୍ତି । ଏପରି ମହିଳାମାନଙ୍କୁ ମୁଣ୍ଡ ପିଛା ୩୫ କେଜି ଚାଉଳ ମିଳିଲେ ସେମାନେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

### ଏଗ୍ରି ଡ୍ରୋନ୍‌ର ବ୍ୟବହାର ସମ୍ପର୍କିତ କର୍ମଶାଳା



ଜୟପୁର, ୨୫।୮ (ପବନ ପାଣିଗ୍ରାହୀ)

ଜୟପୁର ପାରାବେଡାସ୍ଥିତ ପାଟନେଶ୍ୱରୀ ଏଗ୍ରି କୋଅପରେଟିଭ ସୋସାଇଟିରେ ଏଗ୍ରି ଡ୍ରୋନର ବ୍ୟବହାର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ସୋସାଇଟି ସଭାପତି ହରି ପରଜା, ସିଇଓ ଚନ୍ଦ୍ର ଶେଖର ତ୍ରିପାଠୀ କର୍ମଶାଳା ପରିଚାଳନା କରିଥିଲେ। ନାବାର୍ଡ କୋରାପୁଟ ଡିଡିଏମ ଦେବେନ୍ଦ୍ର ପ୍ରଧାନ,ଜୟପୁର ସହକାରୀ କୃଷି ଅଧିକାରୀ ସ୍ମିତା ପାଢୀ, ଟିଏସିଏଲ ସିଇଓ ରାଜେଶ ପତି, ହ୍ରସ ଟ୍ରଷ୍ଟର କୋର୍ଡିନେଟର ପ୍ରବୀଣ ତ୍ରିପାଠୀଙ୍କ ସହ କାନାଡା ବ୍ୟାଙ୍କ, ୟୁସିବି ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କର ଶାଖା ପରିଚାଳକମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ଏଗ୍ରି ଡ୍ରୋନ ଯେପରି ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ ଏବଂ ଚାଷୀମାନେ ଯେପରି ଡ୍ରୋନକୁ କାର୍ଯ୍ୟରେ ଲଗାଇ ଉପକାର ପାଇବେ ସେ ନେଇ ଆଲୋଚନା କରାଯାଇଥିଲା। ଇଫ୍‌କୋ ତରଫରୁ ଏରିଆ ଫିଲ୍ଡ ମ୍ୟାନେଜର ବିଶ୍ୱ ରଞ୍ଜନ ଜୟସିଂ ଯୋଗଦେଇ ଡ୍ରୋନ ସାହାଯ୍ୟରେ କିପରି ନାନୁ ୟୁରିଆ, ନାନୁ ଡିଏପି ଏବଂ ପେଷ୍ଟିସାଇଡ କମ ମାତ୍ରାରେ ବ୍ୟବହାର କରି ଚାଷୀ ଉପକୃତ ହେବେ ସେ ସମ୍ପର୍କରେ ବୁଝାଇଥିଲେ।

# ଆରମ୍ଭ ହେଲା ସିଭିଲ ସର୍ଭିସ୍ ପରୀକ୍ଷାର୍ଥୀଙ୍କ ପ୍ରଥମ ବ୍ୟାଚ୍

**ସେମିଳିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ପିଟେଟିଭ ପରୀକ୍ଷା କେନ୍ଦ୍ର**

କୋରାପୁଟ,୨୫।୮ (ଅମିତାଭ ବେହେରା)

ବହୁ ପ୍ରତୀକ୍ଷିତ ସେମିଳିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ପିଟେଟିଭ ପରୀକ୍ଷା କେନ୍ଦ୍ରରେ ସିଭିଲ ସର୍ଭିସ୍ ପରୀକ୍ଷାର୍ଥୀଙ୍କ ପ୍ରଥମ ବ୍ୟାଚ୍ ପାଇଁ ନିୟମିତ କ୍ଲାସ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବହୁ ଅତିଥିଙ୍କ ଉପସ୍ଥିତିରେ ଏହି ନିୟମିତ କ୍ଲାସ୍ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶହୀଦ ଲକ୍ଷ୍ମଣ ନାୟକ ପରୀକ୍ଷା କେନ୍ଦ୍ର, ସେମିଳିଗୁଡା ଆମ ଦେଶ ଗଠନ ପ୍ରକ୍ରିୟାରେ ଉତ୍ତମ ଅମଲାତନ୍ତ୍ର ଓ ପ୍ରଶିକ୍ଷିତ ମାନବ ସମ୍ବଳ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପାଡାଲ, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପୂର୍ବତନ ଏମ୍‌ପି ଝିନା ହିକ୍କା, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ସୁନାବେଡ଼ା ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଡା, କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ସମିତି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଏସ୍‌ପି ଅଭିନବ ସୋନକର, ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଏସ୍ ପ୍ରୋବେସନରି ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ସୋମନାଥ ପ୍ରଧାନ, ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏନ୍.ସି. ପଣ୍ଡା, ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ଡ. ପ୍ରଶାନ୍ତ ମେଶ୍ରାମ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଡ. ମାନସ ମଲ୍ଲିକ, ଡ. ଚନ୍ଦ୍ର ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ପ୍ରଶିକ୍ଷାର୍ଥୀ ଛାତ୍ରୀଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କେନ୍ଦ୍ର ଦେଶ ପାଇଁ ଉତ୍ତମ ପ୍ରଶାସନିକ କର୍ମଚାରୀ ସୃଷ୍ଟି କରିବ ବୋଲି ଅତିଥିମାନେ ଆଶା ବ୍ୟକ୍ତ କରିଥିଲେ। କେନ୍ଦ୍ରର ଆସୋସିଏଟ ପ୍ରଫେସର ତଥା କୋର୍ସ ଡାଇରେକ୍ଟର ଡ. କପିଳା ଖେମୁଣ୍ଡୁ ସ୍ୱାଗତ ସୂଚନା ଦେଇଥିଲେ। ଭଗବାନ ପଟିଆ, ଡ. ଚନ୍ଦ୍ର ଖେମୁଣ୍ଡୁ, ନବୀନ ଗରଡ଼ା ଓ ପୂର୍ଣ୍ଣ ଖିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ମିଲେଟ ମିଶନ ଆନୁକୂଲ୍ୟରେ ୧୫ ମହିଳା ଗୋଷ୍ଠୀଙ୍କୁ ମାଣ୍ଡିଆ ମିଲିଂ ମେଶିନ

ନନ୍ଦପୁର, ୨୫।୮ (ଶଙ୍କର ପୂଜାରୀ)

ରାଜ୍ୟ ସରକାରଙ୍କ ମିଲେଟ ମିଶନ ଆନୁକୂଲ୍ୟରେ ନନ୍ଦପୁର ବ୍ଲକର ୧୫ ପଞ୍ଚାୟତର ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଣ୍ଡିଆ ମିଲିଂ ମେଶିନ ପ୍ରଦାନ କରାଯାଇଛି। ପାତ୍ରୁଆସ୍ଥିତ ପ୍ରଗତି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଜିତ ମିଶ୍ର, ବ୍ଲକ କୃଷି ଅଧିକାରୀ ଦେବାଶିଷ ଦେଶୀନାୟକ, ଆତ୍ମା ଅଧ୍ୟକ୍ଷ ମୁନା ଦଳପତି, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାଓ୍ୱୁଲ, ମିଲେଟ ମିଶନର ରାମାନୁଜ ମହାପାତ୍ର, ବ୍ଲକ ମିଶନ ଶକ୍ତିର ବିପିଏମ୍ ବିଚିତ୍ରା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ମହିଳା ଗୋଷ୍ଠୀ ପିଛା ୬୫ହଜାର ଟଙ୍କା ମୂଲ୍ୟର ଏହି ମାଣ୍ଡିଆ ମିଲ୍ ମେଶିନ ଯୋଗାଇଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରିଛନ୍ତି। ଏଥିରେ ମହିଳାମାନେ ନିଜ ଅଞ୍ଚଳର ମାଣ୍ଡିଆ, ହଳଦୀ, ଲଙ୍କା, ଗହମ ଆଦି ମିଲିଂ କରି ରୋଜଗାର କରିପାରିବେ ବୋଲି ବିଡିଓ ମିଶ୍ର ପ୍ରକାଶ କରିଥିଲେ। ନାଗେଶ୍ୱରୀ ଏଫ୍‌ପିସିର ପରିଚାଳକ ଅମିୟ ଦାସ ପରିଚାଳନା କରିଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲା ସରପଞ୍ଚ ମହାସଂଘ ବୈଠକ



ବୈଠକରେ ଉପସ୍ଥିତ ସରପଞ୍ଚମାନେ ଆଲୋଚନା କରୁଛନ୍ତି।

କୋରାପୁଟ,୨୫।୮ (ଅମିତାଭ ବେହେରା)

କୋରାପୁଟସ୍ଥିତ ନିଶାଣିମୁଣ୍ଡାଠାରେ ଅବିଭକ୍ତ କୋରାପୁଟ ଜିଲା ସରପଞ୍ଚ ମହାସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଜିଲ୍ଲା କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡାର ଶତାଧିକ ସରପଞ୍ଚ ଯୋଗ ଦେଇଥିଲେ। । ସରପଞ୍ଚ ପଞ୍ଚାୟତର ମୁଖ୍ୟ ହେଇଥିବା ବେଳେ ପଞ୍ଚାୟତରେ ସରପଞ୍ଚମାନଙ୍କୁ ଅଗ୍ରାଧିକାର ମିଳୁନାହିଁ । ପିଇଓମାନେ ମନୋମୁଖୀ କାର୍ଯ୍ୟ କରୁଛନ୍ତି । ସରପଞ୍ଚମାନେ ଖାଲି ଦସ୍ତଖତ କରୁଛନ୍ତି ବୋଲି ସରପଞ୍ଚମାନେ ଅଭିଯୋଗ କରଥିଲେ। ସମସ୍ତଙ୍କ ଦରମା ବୃଦ୍ଧି ହେଉଛି ମାତ୍ର ସରପଞ୍ଚମାନଙ୍କ ଦରମା ବୃଦ୍ଧି ହେଉନାହିଁ । ଲୋକମାନେ ଯେଉଁ ଆଶା ନେଇ ସେମାନଙ୍କୁ ନିର୍ବାଚିତ କରିଛନ୍ତି ଲୋକଙ୍କ ସେ ଆଶା ପୂରଣ ହୋଇପାରୁନି ବୋଲି ସରପଞ୍ଚମାନେ ଅଭିଯୋଗ କରିଥିଲେ। ସେମାନେ ଆହୁରି କହିଥିଲେ ଯେ, ସରପଞ୍ଚ ମାନେ ଆବାସ ଯୋଜନାର ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିପାରୁନାହାନ୍ତି। ସରପଞ୍ଚମାନଙ୍କୁ ନିଜର ନାର୍ଯ୍ୟ ଦାବିରୁ ଦୂରେଇ ରଖାଯାଉଛି। ପଞ୍ଚାୟତକୁ ଆସୁଥିବା କାର୍ଯ୍ୟ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଉନାହିଁ ବୋଲି ପ୍ରକାଶ କରି ଉପସ୍ଥିତ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି କୋରାପୁଟ ସରପଞ୍ଚ ସଭାପତି ଲବ ମୁଦୁଲି, ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ମାଲକାନଗିରି ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି କହିଛନ୍ତି।

# ଯୋଗାଣ ସହାୟକ ସଂଘର ବିଡିଓଙ୍କୁ ଦାବିପତ୍ର

ଦଶମନ୍ତପୁର/ବୈପାରିଗୁଡ଼ା,୨୫।୮( ଅରବିନ୍ଦ ନାୟକ/କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ସେମାନଙ୍କ ସଂଘ ମାଧ୍ୟମରେ ଯୋଗାଣ ବିଭାଗ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ବିଡିଓ ଡମ୍ବରୁ ଧର ମଲ୍ଲିକଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟୀକରି ମାସିକ ବେତନ ୬ହଜାରରୁ ୨୫ହଜାରକୁ ବୃଦ୍ଧି କରିବା, ପିଡିଏସ୍ ଲାଇସେନ୍ସ ଯୋଗାଇଦେବା,କାର୍ଯ୍ୟରତ ଯୋଗାଣ ସହାୟକଙ୍କ ଯଦି ମୃତ୍ୟୁ ହୋଇଯାଏ ସେମାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ସହ ପରିବାରର ଜଣଙ୍କୁ ଚାକିରି ଦେବା, ଯୋଗାଣ ସହାୟକଙ୍କୁ ପଞ୍ଚାୟତିରାଜ ବିଭାଗରୁ ନିବୃତ୍ତ କରି ଯୋଗାଣ ବିଭାଗରେ ଏଏସ୍‌ଆଇ (ଆସିଷ୍ଟାଣ୍ଟ ସପ୍ଲାଏ ଇନ୍ସପେକ୍ଟର) ପଦବୀରେ ରଖିବା, ଇ-ପୋଜ୍ ଡିଭାଇସ୍ ପରିଚାଳନାର ସହାୟତା ରାଶି ପ୍ରଦାନ କରିବା ଏବଂ ମାସିକ ପିଡିଏସ୍ ଆବଣ୍ଟନରେ ୨ ପ୍ରତିଶତ ନିଅଣ୍ଟକୁ ଭରଣା କରିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଆମ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଯୋଗାଣ ସହାୟକ ସଂଘ ପକ୍ଷରୁ କୁହାଯାଇଛି।

ବୈପାରିଗୁଡ଼ାରେ ମଧ ଯୋଗାଣ ସହାୟକମାନେ ସେମାନଙ୍କ ବିଭିନ୍ନ ଦାବିକୁ ସରକାର ଅଣଦେଖା କରୁଥିବା ପ୍ରତିବାଦରେ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ବ୍ଲକ ଯୋଗାଣ ସହାୟକ ସଂଘ ପକ୍ଷରୁ ସମୂହ ଛୁଟି ଦରଖାସ୍ତ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ମଧୁସୂଦନ ରାଉତ,ଧନୁର୍ଜୟ ନାୟକ ପୁରୁଷୋତ୍ତମ ପାଇକ, ରଘୁନାଥ ଗଲ୍ଲରି,ସମରା ହନ୍ତାଳ,ସନୁ ଖିଲ,ସୁଦାମ ହନ୍ତାଳ,ସୁମିତ୍ରା ପାତ୍ର , ରଘୁନାଥ ଖରା ପ୍ରମୁଖ ଉପସ୍ଥିତ ଥିଲେ ।


ଯୋଗାଣ ସହାୟକମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନନ୍ଦପୁର-ଲମତାପୁଟ ତହସିଲ ଗସ୍ତ

ନନ୍ଦପୁର, ୨୫।୮ (ଶଙ୍କର ପୂଜାରୀ)

ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଶୁକ୍ରବାର ଲମତାପୁଟ ଓ ନନ୍ଦପୁର ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ରାଜସ୍ୱ ବିଭାଗ କାର୍ଯ୍ୟ ସମୀକ୍ଷା କରିଥିଲେ। ପ୍ରଥମେ ଲମତାପୁଟ ତହସିଲ ଓ ସେଠାରୁ ନନ୍ଦପୁର ତହସିଲ କାର୍ଯ୍ୟାଳୟ ଗସ୍ତ କରି ରାଜସ୍ୱ ବିଭାଗ ନିଜାରତ, ରେକର୍ଡ ସଂରକ୍ଷଣ ଓ ନାଜିର ସେକ୍ସନର ସମସ୍ତ ନଥିପତ୍ର ପରଖିଥିଲେ। ରାଜସ୍ୱ ଆଦାୟ ସମ୍ପର୍କରେ ପଚାରି ବୁଝିବା ସହ ଦୁଇ ତହସିଲ ଅଧୀନରେ ଥିବା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଚିହ୍ନଟ କରି ସୀମା ସୂଚକ ଖୁଣ୍ଟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିବା ଲମତାପୁଟ ତହସିଲଦାର ଜୟନ୍ତ ମେହେର ଓ ନନ୍ଦପୁର ତହସିଲଦାର ନରସିଂହ ଗାଦବା ସୂଚନା ଦେଇଛନ୍ତି। ନନ୍ଦପୁର ତହସିଲ କାର୍ଯ୍ୟାଳୟ ଗସ୍ତ ସମୟରେ କିଛି ଲୋକେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଦିବାକର ହିଆଲ, ଡମ୍ବୁରୁଧର ହନ୍ତାଳ, ଆମ ଆଦମୀ ପାର୍ଟି ତରଫରୁ ରବି ନାରାୟଣ ପାତ୍ର, କମୁଲୁ ଖିଲ ପ୍ରମୁଖ ପ୍ରଦାନ କରିଥିଲେ। ଦାବିପତ୍ରରେ କୂଳିଆ ଓ ମାଡିଆ ସମ୍ପ୍ରଦାୟ ଭଳି 'ମୂଳିଆ' ସମ୍ପ୍ରଦାୟର ଲୋକଙ୍କୁ ଆଦିବାସୀ ମାନ୍ୟତା ଦେବା, ଭଟାବିର ଗ୍ରାମରେ ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଶ୍ଚ କାର୍ଯ୍ୟକାରୀ ଖୋଲିବା, ନନ୍ଦପୁର ତହସିଲକୁ ଦେବତ୍ତର ଦାୟିତ୍ୱ ଓ ଜମିଜମା ପଞ୍ଜିକରଣ କ୍ଷମତା ପ୍ରଦାନ, ନନ୍ଦପୁର ଅଞ୍ଚଳର ଶତାଧିକ ଏକର ଦେବୋତ୍ତର ସମ୍ପତ୍ତି (ଜମି ) ବିକ୍ରିର ତଦନ୍ତ , ପଟାଙ୍ଗି ତହସିଲ କୋଷାଗାରରେ ଥିବା ନନ୍ଦପୁର ଅଞ୍ଚଳର ମନ୍ଦିରଗୁଡ଼ିକର ଅଳଙ୍କାର ନନ୍ଦପୁର ତହସିଲକୁ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏସବୁ ଦାବିର ବିଚାର କରାଯିବ ବୋଲି ଟାଓ ପ୍ରତିଶ୍ରୁତି ଦେଇଥିଲେ।



ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଦାବିପତ୍ର ଗ୍ରହଣ କରୁଛନ୍ତି ।


ଶୁକ୍ରବାର ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗର ଏକ ୧୦୪ ଆମ୍ବୁଲାନ୍ସ ଡାକ୍ତରୀ ଟିମ୍ କୋରାପୁଟ ଜିଲା ପଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତକୁ ଅନୁପ୍ରବେଶ କରୁଥିବା ବେଳେ କୋଟିଆ ପୋଲିସ ସେମାନଙ୍କୁ ଅଟକାଇ ଓଡିଶାରେ ପ୍ରବେଶ ସମ୍ପର୍କିତ ଅନୁମତି ପତ୍ର ମାଗିଥିଲେ। ଫଳରେ ଏହା ଦେଖାଇ ନ ପାରି ଆନ୍ଧ୍ରର ଏହି ଟିମ୍ ଫେରିଯାଇଥିଲେ। (ଫଟୋ- ଶରତ ଧଳ)

# ଜମି ନାହିଁ, ପଟ୍ଟା ଧରି ବୁଲୁଛନ୍ତି ଦିବ୍ୟାଙ୍ଗ

ସୁନାବେଡ଼ା/ସେମିଳିଗୁଡ଼ା,୨୫।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ପଟ୍ଟାରେ ଉଲ୍ଲେଖିତ ଜମି ମାଡ଼ି ବସିଛନ୍ତି ଅନ୍ୟ ଜଣେ**

ସରକାର ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବାଣ୍ଟୁଛନ୍ତି। ହେଲେ ବାସ୍ତବରେ ପାଇଥିବା ଜମିପଟ୍ଟାର ଜମି ପାଉନାହାନ୍ତି ହିତାଧିକାରୀ। ଏପରି ଏକ ଅଭିଯୋଗ ଆଣିଛନ୍ତି ଜଣେ ଦିବ୍ୟାଙ୍ଗ ଯୁବକ ରାଜେନ୍ଦ୍ର ଖିଲ(୩୦) ସେମିଳିଗୁଡ଼ା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଲେଞ୍ଜିଗୁଡ଼ା ଗ୍ରାମରେ ତାଙ୍କ ଘର। ସେ ଜନ୍ମରୁ ଦୃଷ୍ଟିବାଧିତ ଥିବା ବେଳେ ବାପା ଦାନୁ ଖିଲ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ। ମା ଦମୟ କୁଲି କାମ କରି ପରିବାର ଚଳାଇବା ସହ ରାଜେନ୍ଦ୍ରଙ୍କୁ ପାଠ ପଢାଉଛନ୍ତି। ରାଜେନ୍ଦ୍ର କୋରାପୁଟ ଡିଏଭି କଲେଜର +୩ ର ଛାତ୍ର। ତେବେ ତାଙ୍କ ଅଭିଯୋଗ ମୁତାବକ ୨୦୧୮ରେ ବସୁନ୍ଧରା ଯୋଜନାରେ ସେମିଳିଗୁଡା ତହସିଲ ଜରିଆରେ ସରକାର ପ୍ରାୟ ୧୮ଜଣ ଭୂମିହୀନଙ୍କୁ ଜମିପଟ୍ଟା ଦେଇଥିଲେ। ସେମାନଙ୍କ ମଧ୍ୟରେ ରାଜେନ୍ଦ୍ରଙ୍କୁ ଜମି ପଟ୍ଟା ମିଳିଥିଲା। ହେଲେ ବାସ୍ତବରେ ତାଙ୍କ ଜମି ପଟ୍ଟାରେ ସୂଚିତ ଥିବା ଜମିକୁ ଅନ୍ୟ ଜଣେ ଲୋକ କବ୍‌ଜା କରି ରହୁଥିବା ଦେଖିବାକୁ ମିଳିଛି। ତାଙ୍କୁ ସେଠାରୁ ଉଚ୍ଛେଦକରି ଅବା ଅନ୍ୟତ୍ର ଜମି ଦେବାକୁ ସେବେଠାରୁ ରାଜେନ୍ଦ୍ର ଓ ତାଙ୍କ ପରିବାର ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭକରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଦୌଡ଼ି ଦୌଡ଼ି ଏଯାଏ କିଛି ସୁଫଳ ପାଇନାହାନ୍ତି। କେବଳ ରାଜେନ୍ଦ୍ର ନୁହନ୍ତି, ସେ ସମୟରେ ଜମିପଟ୍ଟା ପାଇଥିବା ହିତାଧିକାରୀମାନେ ଏପରି ହଇରାଣ ହେଉଛନ୍ତି। ରାଜେନ୍ଦ୍ର ରହୁଥିବା ଜାଗାଠାରୁ ତହସିଲ ଅଫିସ ୧୫ କି.ମି. ଦୂର। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାତାୟାତ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ତାଙ୍କୁ ପଟ୍ଟାରେ ଉଲ୍ଲେଖିତ ଜମି ପାଇବା ବ୍ୟବସ୍ଥା କରିଦେବାକୁ ପ୍ରତିଶ୍ରୁତି ଦେଇ ତହସିଲଦାରଙ୍କ ଡ୍ରାଇଭର ଦେବେନ୍ଦ୍ର ପାତ୍ର ତାଙ୍କଠାରୁ ୫ହଜାର ଟଙ୍କା ନେଇଥିଲେ। ଏବେ ପୁଣି ୧୦ ହଜାର ଟଙ୍କା ଡ୍ରାଇଭର ପାତ୍ର ମାଗୁଛନ୍ତି ବୋଲି ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ ପାଇବା ପରେ ସେମିଳିଗୁଡା ତହସିଲଦାର ଜ୍ୟୋତିରାଣୀ ରଥଙ୍କୁ ପଚାରିବା ଲାଗି ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ପରେ ତାଙ୍କ ଡ୍ରାଇଭର ପାତ୍ରଙ୍କୁ ରାଜେନ୍ଦ୍ରଙ୍କ ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ ରାଜେନ୍ଦ୍ରଙ୍କୁ ଚିହ୍ନି ନ ଥିବା କହିଛନ୍ତି।


ଦିବ୍ୟାଙ୍ଗ ରାଜେନ୍ଦ୍ର ତାଙ୍କୁ ମିଳିଥିବା ପଟ୍ଟା ଦେଖାଉଛନ୍ତି।

